# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
## ସୂଚନାପତ୍ର

ଭାଗ - ୩ ସଂସ୍କରଣ - ୧
ଜାନୁଆରୀ-ମାର୍ଚ୍ଚ ୨୦୦୯



## PD's DESK

### ରୋଜଗାରକ୍ଷମ କାର୍ଯ୍ୟ ପାଇଁ ପଦକ୍ଷେପ

ବିକାଶମୂଳକ ଉଦ୍ୟମ ଅଧୀନରେ ସମ୍ମିଳିତଭାବେ ସମ୍ପୂର୍ଣ୍ଣ ଆୟ ରୋଜଗାରକ୍ଷମ କାର୍ଯ୍ୟକଳାପ ଖୁବଶୀଘ୍ର ଆରମ୍ଭ ହେବ । କାରଣ ରୋଜଗାରକ୍ଷମ କାର୍ଯ୍ୟକଳାପ କାର୍ଯ୍ୟକାରୀ ହେବା ପୂର୍ବରୁ ଅଞ୍ଚଳଭିତ୍ତିକ ଉପଯୋଗୀ ପଦ୍ଧତି ନିର୍ଦ୍ଧାରଣ ଏବଂ ଉନ୍ନତି କରୁଥିବା ଗ୍ରାମ୍ୟ ଉଦ୍ୟୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ୟାକେଜ ସ୍ଥିର କରିବା ଦିଗରେ ସମ୍ପଦ କ୍ଷେତ୍ର ଚିହ୍ନଟ, ବଜାର ସଂଯୋଗ ବ୍ୟବସ୍ଥା ଏବଂ ଦକ୍ଷତା ବୃଦ୍ଧି ପରି କାର୍ଯ୍ୟକଳାପ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଗ୍ରାମ୍ୟ ପରିବେଶରେ ରୋଜଗାରକ୍ଷମ କାର୍ଯ୍ୟକଳାପର ସମସ୍ତ ବିଷୟ ଓ ବିଭିନ୍ନ ସମ୍ଭାବନା ସମ୍ପର୍କରେ ନିଜ କର୍ମକର୍ତ୍ତାମାନଙ୍କୁ ସମ୍ବେଦନଶୀଳ କରାଇବା ଓ ଚାଲୁଥିବା ବିଭିନ୍ନ ଯୋଜନା ସହ ଏକାଭିମୁଖୀ କରାଇବା ଏବଂ ଜୀବନଧାରଣ ମାନ ବୃଦ୍ଧି କରିବାରେ ପ୍ରକଳ୍ପକୁ ଏକ ଦୃଢ଼ ମାଧ୍ୟମ କରାଇବା ପାଇଁ ବହୁ କର୍ମଶାଳା, ସେମିନାର ଆୟୋଜନ କରାଯାଇଛି । ଗୋଷ୍ଠୀକୁ ଜୀବନଧାରଣ ମାନ କ୍ଷେତ୍ରରେ ସହଯୋଗ ଯୋଗାଇଦେବାକୁ ବହୁ ଅଞ୍ଚଳରେ ପ୍ରକଳ୍ପ ଅନ୍ୟ ଲାଇନ ବିଭାଗ ସହ କାମ କରୁଛି ଏବଂ ପ୍ରକଳ୍ପ ଗ୍ରାମଗୁଡ଼ିକରେ ସଫଳ ଜୀବନଧାରଣ ମାନ ବୃଦ୍ଧି କାର୍ଯ୍ୟକଳାପ ତଥା ମଣିଷର ମୌଳିକ ଆବଶ୍ୟକତା ପୂରଣ ପାଇଁ ଏହି ସମ୍ଭାବନାଗୁଡ଼ିକ କାର୍ଯ୍ୟକାରୀ କରାଇବାର ନିତାନ୍ତ ଆବଶ୍ୟକତା ରହିଛି ।

ପଥଦର୍ଶୀ ରୋଜଗାରକ୍ଷମ କାର୍ଯ୍ୟକଳାପରେ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀ, ରୋଜଗାରକ୍ଷମ କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବା ପାଇଁ ଏକ ସୁସ୍ଥ ସୂଚନା । ଆଶା କରୁଛି ତୃଣମୂଳସ୍ତରରେ କାମ କରୁଥିବା ପ୍ରକଳ୍ପ କାର୍ଯ୍ୟକର୍ତ୍ତାମାନେ ଜୀବିକା ନିର୍ବାହ ମାନ କାର୍ଯ୍ୟକଳାପ ଉପରେ ଭଲ ଜ୍ଞାନ ଆହରଣ କରିପାରିଛନ୍ତି ଓ ସେମାନେ ଗୋଷ୍ଠୀଗୁଡ଼ିକର ସହଭାଗିତା ଏବଂ ଏହି ସମ୍ମିଳିତ ଜ୍ଞାନକୁ ସବୁଠାରୁ ଭଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ବିନିଯୋଗ କରିବେ ।

ଅଧିକ ଦକ୍ଷ ପର୍ଯ୍ୟବେକ୍ଷଣ ପାଇଁ ଏବଂ କ୍ରମାଗତ କାର୍ଯ୍ୟପ୍ରଣାଳୀରେ ଉନ୍ନତି ପାଇଁ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ପକ୍ଷରୁ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣକା ଦୁଇଟି ଖଣ୍ଡୀୟ ପରିଚାଳନା କେନ୍ଦ୍ର ପାଇଁ ନୋଡାଲ ଅଫିସରଭାବେ ନିଯୁକ୍ତି ଦିଆଯାଇଛି, ଯେଉଁମାନେ କି ପ୍ରତି ମାସରେ ଥରେ ନିର୍ଦ୍ଧାରିତ କ୍ଷେତ୍ର ପରିଦର୍ଶନ କରିବେ ।

**- ଅରୁଣ କୁମାର ବଂସଲ**

## ସ୍ୱୟଂ ସହାୟକ ଗୋଷ୍ଠୀ... ଜୀବିକା ନିର୍ବାହ ମାନର ଅକ୍ଷବିନ୍ଦୁ

ଜୀବିକା ନିର୍ବାହ ମାନର ବିକାଶ ପାଇଁ ଓଏଫଏସଡିପି କଳ୍ପନା କରିଛି ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନା । ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠୀକୁ ବିକଳ୍ପ ଏବଂ ଅଧିକ ପ୍ରତିପାଳନକ୍ଷମ ଜୀବନଧାରଣ ମାର୍ଗରେ ସାମିଲ କରିବାକୁ ହେବ । ବିଭିନ୍ନ ଜଙ୍ଗଲ ଓ ଜୀବନଧାରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଗୋଷ୍ଠୀଭିତ୍ତିକ ସଂସ୍ଥା/ଗୋଷ୍ଠୀର ସକ୍ରିୟ ଭାଗିଦାରୀ ଆବଶ୍ୟକ । ସମ୍ପ୍ରଦାୟର ଦୁର୍ବଳ ଶ୍ରେଣୀଙ୍କ ଅଂଶଭିତ୍ତିକ ଭାଗିଦାରୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପ୍ରକଳ୍ପ ଅଧୀନରେ ଚାଲୁଥିବା ଜୀବନଧାରଣ ମାନର ବିକାଶ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ପ୍ରକଳ୍ପ ସହାୟତା ବାଦ ସ୍ୱୟଂ ସହାୟକ ଗୋଷ୍ଠୀକୁ ବନ ସଂରକ୍ଷଣ ସମିତିର ଆବର୍ତ୍ତନ ପାଣ୍ଠି ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ଦେଉଥିବା ଅନ୍ୟ ସଂସ୍ଥା ସହ ଏକାଭିମୁଖୀ କରାଯାଇ ସମ୍ପଦ ସୃଷ୍ଟି କରାଯାଉଛି । ଚାଲୁଥିବା ଏହି ପ୍ରକ୍ରିୟାରେ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅଧିକ ଲାଭବାନ ହେବେ ଓ ନିଜର ସଭ୍ୟମାନଙ୍କୁ ଏକ ଶକ୍ତିଶାଳୀ ଜୀବନଧାରଣ ସହାୟତା ପ୍ରଦାନ କରିବା ସହ ବନ ସଂରକ୍ଷଣ ସମିତିକୁ ଏକ ଅତିରିକ୍ତ ଆୟ ପ୍ରଦାନ କରିବେ । ଏହାଦ୍ୱାରା ଜଙ୍ଗଲ ଉପରେ ପଡୁଥିବା ଭାର କମିବ । ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକଳାପ ଦ୍ୱାରା ପ୍ରକଳ୍ପ ନିମ୍ନଲିଖିତ ସଫଳତା ହାସଲ କରିବାକୁ ଲକ୍ଷ୍ୟ ରଖିଛି ।




- ଗରିବ ମୁଖ୍ୟତଃ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସଙ୍ଗଠିତ କରି ପ୍ରତିପାଳନକ୍ଷମ ଜୀବନଧାରଣ ପ୍ରୋତ୍ସାହନ ।

କ୍ରମଶଃ... ପୃଷ୍ଠା ୮

## ଜଙ୍ଗଲ ଓ ଜୀବିକା ନିର୍ବାହର ବିକାଶ ସହ ଜୈବ ବିବିଧତା ସଂରକ୍ଷଣ ନିମନ୍ତେ ଶାଣିତ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ

ପ୍ରଥମ ଦଫା ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଥିବା ପୁନର୍ଜନନ ସହାୟକ କାର୍ଯ୍ୟକଳାପରୁ ପ୍ରାପ୍ତ ଅଭିଜ୍ଞତା ଅନୁସାରେ ଭବିଷ୍ୟତର ପୁନର୍ଜନନ ସହାୟକ କାର୍ଯ୍ୟକ୍ରମକୁ ଅଧିକ ଶାଣିତ କରାଯାଉଛି । ଗୋଷ୍ଠୀର ଜୀବିକା ନିର୍ବାହ ମାନରେ ମହତ୍ତ୍ୱ ରଖୁଥିବା ବୃକ୍ଷକୁ ଭବିଷ୍ୟତର କାର୍ଯ୍ୟକ୍ରମରେ ସାମିଲ କରାଯିବ ।

ପୁନର୍ଜନନ ସହାୟକ କାର୍ଯ୍ୟକ୍ରମରେ ଯେଉଁ ମୁଖ୍ୟ ପରିବର୍ତ୍ତନ କରାଯିବାର ଯୋଜନା ରହିଛି ସେଗୁଡ଼ିକ ହେଲା -

- ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଅଞ୍ଚଳରେ ଜୈବ ବିବିଧତା, ସଂରକ୍ଷଣ ସହ ଜୀବିକା ନିର୍ବାହ ମାନରେ ସହାୟତା ଦେଉଥିବା ବୃକ୍ଷ ଉପରେ ଅଧିକ ମହତ୍ତ୍ୱ ଦିଆଯାଇ ଉଜୁଡ଼ା ଅଞ୍ଚଳର ପୁନରୁଦ୍ଧାର କରାଯିବ ।
- ଭିନ୍ନ ଭିନ୍ନ ଥାକର ଜଙ୍ଗଲ ସୃଷ୍ଟିକୁ ଗୁରୁତ୍ୱ ଦିଆଯିବ ।
- ଜଙ୍ଗଲର ବୁଦା ସଫେଇ କାମବେଳେ ଜୀବିକା ନିର୍ବାହ ମାନ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଜାତିର ବୃକ୍ଷକୁ ରଖାଯିବ ।
- ବୃକ୍ଷର ଜାତି ମନୋନୟନବେଳେ, ବ୍ଲକ୍ ବୃକ୍ଷରୋପଣବେଳେ, ମୃତ୍ତିକା ଓ ଜଳ ସଂରକ୍ଷଣ କାମବେଳେ ଗ୍ରିଡ଼କୁ ଅଗ୍ରାଧିକାର ଦିଆଯିବ ଓ ୪ ହେକ୍ଟରରେ ଗୋଟିଏ ଗ୍ରିଡ଼ ହେବ ।
- ବୃକ୍ଷରୋପଣ ସହ ବୁଦା, ଲତା, ଔଷଧୀୟ ବୃକ୍ଷ ଓ କନ୍ଦ ତଥା କନ୍ଦାଜାତୀୟ ବୃକ୍ଷର ମଞ୍ଜି ବୁଣାକୁ ମଧ ଗୁରୁତ୍ୱ ଦିଆଯିବ ।

# PMU Watch



ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡ଼ି ଆଣ୍ଡ ଆର) ରାଉରକେଲା ଓ ବଣାଇ ବନଖଣ୍ଡରେ ପ୍ରକଳ୍ପ କାର୍ଯ୍ୟର ତଦାରଖ କରୁଛନ୍ତି ।

## ଦକ୍ଷତା ବୃଦ୍ଧି

### ତ୍ରୈମାସିକ ତାଲିମ

ଏହି ତ୍ରୈମାସରେ ନିମ୍ନଲିଖିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟଭିତ୍ତିକ ଅଣୁ ଉଦ୍ୟୋଗ, ମୂଲ୍ୟ ସଂଯୋଗ ଓ ବଜାର ସଂଯୋଗ ଉପରେ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ୧୨ରୁ ୧୬ ଜାନୁୟାରୀ ୨୦୦୯ ଯାଏଁ ଅନୁଷ୍ଠିତ ହୋଇଥିଲା । ଇଡିଆଇ, ଅହମଦାବାଦ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିବାବେଳେ ୬ଜଣ ବନ ସମ୍ପ୍ରସାରଣ ଅଧିକାରୀ ଓ ୧୨ ଜଣ ଗ୍ରାମ୍ୟ ବନ ସେବକ ଯୋଗଦେଇଥିଲେ ।

ହିସାବ ରକ୍ଷଣ ଉପରେ ତାଲିମ କାର୍ଯ୍ୟକ୍ରମ ୧୬ରୁ ୧୭ ଜାନୁୟାରୀ, ୨୦୦୯ ଯାଏଁ ପ୍ରକଳ୍ପ ପର୍ଯ୍ୟାଲୋଚନା କେନ୍ଦ୍ରଠାରେ ଆୟୋଜିତ ହୋଇଥିଲା । ୧୬ ଜଣ ବନ ସମ୍ପ୍ରସାରଣ ଅଧିକାରୀ ଏବଂ ୧୦ ଜଣ ଖଣ୍ଡୀୟ ପରିଚାଳନା ୟୁନିଟ୍ କର୍ମଚାରୀ ଓଏଫଏସଡିପି ହିସାବ ରକ୍ଷଣ ଉପରେ ତାଲିମ ନେଇଥିଲେ ।

ସମନ୍ୱିତ ଗୋଷ୍ଠୀ ବିକାଶ ଉପରେ ହାଇଦରାବାଦସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରୁରାଲ ଡେଭେଲପମେଣ୍ଟ (ଏନଆଇଆଡି) ଠାରେ ଅନୁଷ୍ଠିତ ହୋଇଥିଲା । ଦୁଇଜଣ ବନଖଣ୍ଡ ଅଧିକାରୀ, ଦୁଇଜଣ ଉପ ସଂରକ୍ଷକ, ୧୨ ଜଣ ରେଞ୍ଜ ଅଧିକାରୀ, ଦୁଇଜଣ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜଣେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ୨୦୦୯ ଫେବୃୟାରୀ ୨ରୁ ୬ ତାରିଖ ଯାଏଁ ତାଲିମ ନେଇଥିଲେ ।

ନର୍ସରୀ ଓ ଚାରାରୋପଣ ଉପରେ ଜୈବିକ ସାରର ତତ୍ତ୍ୱ ଓ ପ୍ରଚଳନ ନେଇ ଏକ ତାଲିମ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବନ୍ୟ ବିଭାଗଠାରେ ୧୭ ଓ ୧୮ ଫେବୃୟାରୀ ୨୦୦୯ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା । ଦୁଇଜଣ ରେଞ୍ଜ ଅଧିକାରୀ, ୧୧ ଜଣ ବନ ସମ୍ପ୍ରସାରଣ ଅଧିକାରୀ, ୧୫ ଜଣ ଗ୍ରାମ୍ୟ ବନ ସେବକ ଏଥିରେ ତାଲିମ ନେଇଥିଲେ ।

ଜଳ ଓ ମୃତ୍ତିକା ସଂରକ୍ଷଣ ଉପରେ ତାଲିମ ଓଡ଼ିଶା। ପ୍ରଫେସନାଲ ଡେଭେଲପମେଣ୍ଟ ସର୍ଭିସ କନସଲ୍‌ଟାଣ୍ଟସ୍ (ଓପିଡିଏସସି), ରାୟଗଡ଼ାଠାରେ ଅନୁଷ୍ଠିତ ହୋଇଥିଲା । ରାୟଗଡ଼ା ବନଖଣ୍ଡ ଅଧିକାରୀଙ୍କ ସଂଯୋଜନାରେ ୨୫ ଫେବୃୟାରୀରୁ ୧ ମାର୍ଚ୍ଚ ଯାଏଁ ଏହି ତାଲିମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨ ଜଣ ରେଞ୍ଜ ଅଧିକାରୀ, ୧୧ ଜଣ ବନ ସମ୍ପ୍ରସାରଣ ଅଧିକାରୀ, ୧୫ ଜଣ ଗ୍ରାମ୍ୟ ବନ ସେବକ ତାଲିମ ନେଇଥିଲେ ।

ବନ ସଂରକ୍ଷଣ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ତାଲିମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇ ସମସ୍ତ ଖଣ୍ଡୀୟ ପରିଚାଳନା ୟୁନିଟ ଓ କ୍ଷେତ୍ର ପରିଚାଳନା କେନ୍ଦ୍ରକୁ କାର୍ଯ୍ୟକାରୀ କରିବାକୁ ପଠାଯାଇଛି ।

## ସମ୍ପୂର୍ଣ୍ଣ ବିକାଶ ପାଇଁ ସିଦ୍ଧାନ୍ତମୂଳକ ଏକାଭିମୁଖୀକରଣ

ବିଭିନ୍ନ ସରକାରୀ/ବେସରକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ କାର୍ଯ୍ୟକୁ ସମ୍ମିଳିତ କରି ପ୍ରକଳ୍ପର କାର୍ଯ୍ୟଧାରାକୁ ଆଗେଇ ନେବାକୁ ଓଏଫଏସଡିପି ଲକ୍ଷ୍ୟ ରଖିଛି । ମୁଖ୍ୟତଃ ଗୋଷ୍ଠୀର ଜୀବନଧାରଣ ମାନରେ ବିକାଶ ଓ ଧାରଣକ୍ଷମ ଆୟ ସଂକ୍ରାନ୍ତରେ ପ୍ରକଳ୍ପ ଏପରି ଏକାଭିମୁଖୀକରଣ ଉପରେ ଗୁରୁତ୍ୱ ଦେଉଛି । ତେଣୁ ଅନ୍ୟ ବିକାଶମୂଳକ ସଂସ୍ଥା ଓ ଲାଇନ ସରକାରୀ ବିଭାଗ କାର୍ଯ୍ୟରେ ନିଜର ଦକ୍ଷତା ଓ ନୂତନ ପ୍ରକ୍ରିୟାକୁ ସାମିଲ କରି ଓଏଫଏସଡିପିର ବିଭିନ୍ନ ଅଂଶୀଦାରମାନଙ୍କ ଉଦ୍ୟମକୁ ସହଯୋଗ କରାଯାଉଛି ।

ଏ ସଂକ୍ରାନ୍ତରେ ଅଣୁ ଯୋଜନା ପ୍ରସ୍ତୁତି ପରେ ଗ୍ରାମର ଆବଶ୍ୟକତା ଆକଳନ କରାଯାଇ ପ୍ରକଳ୍ପ ପକ୍ଷରୁ ଅନ୍ୟ ବିକାଶମୂଳକ ସଂସ୍ଥା ଓ ଲାଇନ ସରକାରୀ ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟ ସହ ପ୍ରକଳ୍ପ କାର୍ଯ୍ୟର ଏକାଭିମୁଖୀ କରିବାକୁ ସମସ୍ତ ଉଦ୍ୟମ କରାଯାଉଛି । ଅନ୍ୟ ସରକାରୀ ବିଭାଗର କାର୍ଯ୍ୟକ୍ରମ ସହ ପ୍ରକଳ୍ପ କାର୍ଯ୍ୟର ଏକାଭିମୁଖୀ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରକଳ୍ପ ଚାଲୁଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଜୀବନଧାରଣ ମାନ ସଂକ୍ରାନ୍ତ କାର୍ଯ୍ୟକ୍ରମବେଳେ ଏକାଭିମୁଖୀକରଣ କରିବାରେ ଏହା ପ୍ରକଳ୍ପ ଅଧିକାରୀଙ୍କ ମନୋବଳ ବୃଦ୍ଧି କରିବ ।

ପ୍ରକଳ୍ପ ଅଞ୍ଚଳରେ ଅନ୍ୟ ବିଭାଗ ସହ ମିଶି ଏକାଭିମୁଖୀ କରାଯାଇଥିବା କେତେକ କାର୍ଯ୍ୟ -

- ପ୍ରକଳ୍ପ ଗ୍ରାମଗୁଡ଼ିକରେ ଏନଆରଏଚଏମ କାର୍ଯ୍ୟକ୍ରମ ଯଥା ଆଶା, ଜିକେଏସ ଓ ଅନ୍ୟ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଗ୍ରାଧିକାରଭିତ୍ତିରେ କରିବାକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନକୁ ନିବେଦନ କରାଯାଇଛି । ଓଏଫଏସଡିପି ଅନ୍ତର୍ଗତ ଗ୍ରାମଗୁଡ଼ିକରେ ଅଧିକ ଗୁରୁତ୍ୱ ଦେବାକୁ ମିଶନର ନିର୍ଦ୍ଦେଶକ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
- ପଶୁପାଳନ ବିଭାଗ ପ୍ରକଳ୍ପ ଗ୍ରାମଗୁଡ଼ିକରେ କ୍ଲଷ୍ଟର (ଗୋଷ୍ଠୀ) ମାଧ୍ୟମରେ ଉନ୍ନତ ଧରଣର ଅଣ୍ଡିରା ଛେଳି ପ୍ରଦାନ କରୁଛନ୍ତି । ଏହି ଛେଳିଗୁଡ଼ିକ ପ୍ରଥମ ବର୍ଷ ପାଇଁ ବୀମାଭୁକ୍ତ ହୋଇଥିବାବେଳେ ହିତାଧିକାରୀ ପରବର୍ତ୍ତୀବର୍ଷଗୁଡ଼ିକରେ ତାର ବୀମା କରାଇବେ । ବନବାସୀଙ୍କ ଆୟ ବୃଦ୍ଧି ପାଇଁ ସେମାନେ ବନରାଜ କୁକୁଡ଼ା ଉପରେ ଗୁରୁତ୍ୱ ଦେଉଛନ୍ତି ।
- କୃଷି ବିଭାଗ ଅଧିକ ଅମଳକ୍ଷମ (ହାଇବ୍ରିଡ଼) ମଞ୍ଜି, ସାର ଓ ଔଷଧ ଯୋଗାଇଦେଉଛନ୍ତି । କିପରି ଭଲ ଉତ୍ପାଦନ ହୋଇପାରିବ ସେଥିପାଇଁ ସେମାନେ ହିତାଧିକାରୀଙ୍କୁ



ପରାମର୍ଶ ମଧ୍ୟ ଦେଉଛନ୍ତି ।
- ପଞ୍ଚାୟତିରାଜ ବିଭାଗ ପ୍ରକଳ୍ପ ଅଞ୍ଚଳରେ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (ଏନଆରଜିଏସ) କାର୍ଯ୍ୟକାରୀ କରାଉଛନ୍ତି । ଡ୍ୟାମ (ବନ୍ଧ), କେନାଲ (ନାଳ), ପୋଖରୀ ଓ ରାସ୍ତା ଏହି ଯୋଜନାରେ ନିର୍ମାଣ କରାଯାଉଛି ।
- ଗ୍ରାମ୍ୟ ଜଳ ଓ ପରିମଳ ମିଶନ (ଆରଡବ୍ଲୁଏସଏସ) ଦ୍ୱାରା ବହୁ ଅଞ୍ଚଳରେ ଗ୍ରାମ୍ୟ ପରିମଳ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ।
- ଉଦ୍ୟାନକୃଷି ବିଭାଗ ଦ୍ୱାରା ବିଭିନ୍ନ ଧରଣର ଅଧିକ ଅମଳକ୍ଷମ ଫଳ ମଞ୍ଜି ଯୋଗାଇ ଦେଉଛି ।

ବିଭିନ୍ନ ଅଂଶୀଦାରଙ୍କ ପକ୍ଷରୁ ସମ୍ମିଳିତ ଉଦ୍ୟମ ଓ ସହଭାଗୀ ଉଦ୍ୟମ ଦ୍ୱାରା ଲକ୍ଷ୍ୟପୂର୍ଣ୍ଣ ଏକାଭିମୁଖୀ ମାଧ୍ୟମରେ ଗ୍ରାମାଞ୍ଚଳରେ ସୁଯୋଗ ବୃଦ୍ଧି ହେବା ସହ ଜଙ୍ଗଲ ଓ ଜଙ୍ଗଲ ଉପରେ ନିର୍ଭରଶୀଳଙ୍କ ପାଇଁ ପ୍ରତିପାଳନକ୍ଷମ ବିକାଶମୂଳକ ଦୃଶ୍ୟ ସୃଷ୍ଟି ହୋଇପାରିବ ବୋଲି ପ୍ରକଳ୍ପ ଆଶା କରୁଛି ।

# ସମୀକ୍ଷା, ୨୦୦୮

## (ପ୍ରଥମ ବାର୍ଷିକ ସମୀକ୍ଷା ବୈଠକ)

ଭୁବନେଶ୍ୱରରେ ଜାନୁୟାରୀ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ପ୍ରକଳ୍ପର ପ୍ରଥମ ବାର୍ଷିକ ସମୀକ୍ଷା ବୈଠକ 'ସମୀକ୍ଷା-୨୦୦୮' ଅନୁଷ୍ଠିତ ହୋଇଥିଲା । ସମୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା, କ୍ଷେତ୍ର ପରିଚାଳନା କେନ୍ଦ୍ର, ଖଣ୍ଡୀୟ ପରିଚାଳନା ୟୁନିଟ ଓ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ ମଧ୍ୟରେ ମତ ବିନିମୟ ତଥା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ପରିଚାଳନା ନେଇ ବୈଷୟିକ, ସାମାଜିକ ଓ ପରିଚାଳନାଗତ ପ୍ରସଙ୍ଗର ଉପଚାରଗତ ଉପାୟ ନିର୍ଦ୍ଧାରଣ ।

ସମୀକ୍ଷା ବୈଠକ ଏକ ଅଦ୍ୱିତୀୟ ଢଙ୍ଗରେ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା । ଜଣେ ଗ୍ରାମ୍ୟ ବନ ସହାୟକ, ଜଣେ ସ୍ୱେଚ୍ଛାସେବୀ ସଙ୍ଗଠନର ଦଳପତି, ଜଣେ ବନ ସଂରକ୍ଷଣ ସମିତିର ସଭାପତି, ଜଣେ କ୍ଷେତ୍ର ପରିଚାଳନା କେନ୍ଦ୍ରର ମୁଖ୍ୟ, ଜଣେ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ମୁଖ୍ୟ ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ ।







ସମୀକ୍ଷା-୨୦୦୮ରେ ୨୨ଜଣ ଗ୍ରାମ୍ୟ ବନ ସହାୟକ, ୨୦ ଜଣ କ୍ଷେତ୍ର ପରିଚାଳନା କେନ୍ଦ୍ରର ମୁଖ୍ୟ, ୧୮ ଜଣ ବନ ସଂରକ୍ଷଣ ସମିତିର ସଭାପତି, ୨୧ ଜଣ ସ୍ୱେଚ୍ଛାସେବୀ ସଙ୍ଗଠନର ଦଳପତି, ୧୯ ଜଣ ଗ୍ରାମ୍ୟ ବନସେବକ ଓ ପ୍ରକଳ୍ପ ପର୍ଯ୍ୟାଲୋଚନା କେନ୍ଦ୍ରର ବିଭିନ୍ନ ଅଧିକାରୀଙ୍କ ସମେତ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ଅଧିକାରୀ, ସମ୍ପୃକ୍ତ ବନ ସଂରକ୍ଷକ ଓ ଖଣ୍ଡୀୟ ପରିଚାଳନା ୟୁନିଟର ମୁଖ୍ୟଙ୍କୁ ମିଶାଇ ୧୩୪ ଜଣ ଅଧିକାରୀ ଏଥିରେ ଯୋଗ ଦେଇଥିଲେ ।



ଆଲୋଚନା ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକଳ୍ପର ସଫଳତା ଓ ନୀତି ଉପରେ ଗୁରୁତ୍ୱ ଦେଇ ଉପସ୍ଥାପନ କରିଥିଲେ । ପ୍ରକଳ୍ପର କାର୍ଯ୍ୟକଳାପର ସଫଳ ରୂପାୟନ ନେଇ ଆବଶ୍ୟକ ଯଥାର୍ଥ ଆଲୋଚନା ଉପରେ ସେ ମତବ୍ୟକ୍ତ କରିଥିଲେ ।

କ୍ଷେତ୍ରର ବିଭିନ୍ନ ସଫଳ କାର୍ଯ୍ୟକଳାପର ଏକ ଫଟୋ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା । କିଛି ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରକଳ୍ପ ଅଧୀନରେ ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ମଧ୍ୟ ପ୍ରଦର୍ଶନ କରିଥିଲେ । ଏହି ସାମଗ୍ରୀ ପ୍ରସ୍ତୁତିକୁ ପ୍ରକଳ୍ପର ଅନ୍ୟ ଅଞ୍ଚଳରେ ରୋଜଗାରକ୍ଷମ କାର୍ଯ୍ୟକଳାପ ଅଧୀନରେ କାର୍ଯ୍ୟକାରୀ କରାଯାଇପାରିବ ।

ଶ୍ରୀ ଏସ୍.ପି. ନନ୍ଦ, ଆଇଏଏସ୍, କୃଷି ଉତ୍ପାଦନ କମିଶନର, ଓଡ଼ିଶା ତଥା ଓଏଫଏସଡିପି ପରିଚାଳନା କମିଟିର ଅଧ୍ୟକ୍ଷ ଏଥିରେ ଉଦ୍‌ବୋଧନ ଦେଇଥିଲେ । ସୂଚନା ଶିକ୍ଷା ଓ ଯୋଗାଯୋଗ ଉପରେ ପ୍ରସ୍ତୁତ ପୋଷ୍ଟର ତଥା ଭିଡ଼ିଓ ପ୍ରଦର୍ଶନ ଉନ୍ମୋଚନ କରିଥିଲେ । ସମସ୍ତ ଏକାଭିମୁଖୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଓ ଗ୍ରାମ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ୧୫ ବର୍ଷରୁ କମ୍ ଛୁଆଙ୍କର ପୁଷ୍ଟିହୀନତା ଦୂର ପାଇଁ କୃମିନାଶ ଓ ଆଖି ପରୀକ୍ଷା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ବନ ସଂରକ୍ଷଣ ସମିତି ସଭ୍ୟଙ୍କର ଆୟ ବୃଦ୍ଧି ନିମନ୍ତେ ମାଛଚାଷ ଏବଂ କୁକୁଡ଼ା ଚାଷ ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ମୁଖ୍ୟ ଅଂଶୀଦାର ବନ ସଂରକ୍ଷଣ ସମିତି ଏବଂ ଆଗଧାଡ଼ିର ପ୍ରୋତ୍ସାହକଙ୍କ ମଧ୍ୟରେ କାର୍ଯ୍ୟ ପ୍ରଣାଳୀର ବିକାଶ/ସଂସ୍କାର ପାଇଁ ମତ ବିନିମୟ କରିବା ପାଇଁ ସମୀକ୍ଷା ଏକ ସୁଯୋଗ ସୃଷ୍ଟି କରିଥିଲା ।





### ପ୍ରକଳ୍ପ ପ୍ରଦର୍ଶନୀ....

ପ୍ରଥମ ବାର୍ଷିକ ସମୀକ୍ଷା ବୈଠକରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଶ୍ରୀ ଏସ୍.ପି. ନନ୍ଦ, ଆଇଏଏସ୍, ଏପିସି ତଥା ଓଏଫଏସଡିପି ପରିଚାଳନା କମିଟିର ଅଧ୍ୟକ୍ଷଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ ଦେଖାଉଛନ୍ତି ।





## ଜାତୀୟ ପରସ୍ପର ଶିକ୍ଷଣ କର୍ମଶାଳା

ଓଏଫଏସଡିପି 'ପ୍ରମୋଟିଂ ସସ୍‌ଟେନେବେଲ୍ ଲାଇଭଲିହୁଡସ୍' ଶୀର୍ଷକ ଏକ ପରସ୍ପର ଶିକ୍ଷଣ ଜାତୀୟସ୍ତରର କର୍ମଶାଳା ୨୦୦୯ ଫେବୃୟାରୀ ୨୪ ଓ ୨୫ରେ ଭୁବନେଶ୍ୱରରେ ଆୟୋଜନ କରିଥିଲା । ଦୁଇ ଦିନିଆ ଏହି କର୍ମଶାଳାରେ ଜାଇକା ତଥା ଭାରତରେ ଜାଇକା ସହାୟତାରେ ଚାଲୁଥିବା ରାଜ୍ୟର ପ୍ରତିନିଧିଙ୍କ ସମେତ ଓଏଫଏସଡିପିର ଅଧିକାରୀମାନେ ଭାଗ ନେଇଥିଲେ । ବନାଞ୍ଚଳ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଅଧିକାରୀମାନଙ୍କୁ ପରସ୍ପର ଶିକ୍ଷଣ ସମେତ ଜାଇକା ସହାୟତାରେ ଦେଶରେ ଚାଲୁଥିବା ପ୍ରକଳ୍ପଗୁଡ଼ିକରେ ଗ୍ରହଣ କରାଯାଉଥିବା ନୂତନ ଉପାୟ ଓ ଅଭିଜ୍ଞତାକୁ ଆପୋଷ ଆଲୋଚନା ମାଧ୍ୟମରେ ଶିକ୍ଷଣ ନିମନ୍ତେ ସୁଯୋଗ ସୃଷ୍ଟି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।
















ଏହି କର୍ମଶାଳାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଓଏଫଏସଡିଏସର ଅଧ୍ୟକ୍ଷ ଓ ଏଏଫଏସଡିପି ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ଅଧ୍ୟକ୍ଷ ଶ୍ରୀ ଅଜିତ କୁମାର ତ୍ରିପାଠୀ, ଆଇଏଏସ, ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ସମାରୋହରେ ଓଡ଼ିଶାର କୃଷି ଉତ୍ପାଦନ କମିଶନର ତଥା ଓଏଫଏସଡିପି ପରିଚାଳନା ବୋର୍ଡର ଅଧ୍ୟକ୍ଷ ଶ୍ରୀ ସତ୍ୟ ପ୍ରକାଶ ନନ୍ଦ ସଭାପତିତ୍ୱ କରିଥିଲେ ।

ଜାଇକା, ଭାରତର ମୁଖ୍ୟ ପ୍ରତିନିଧି ଶ୍ରୀ ହିଦେତୋସି ଇରିଗାକି, ସମ୍ମାନିତ ଅତିଥି ଏବଂ ଅନ୍ୟ ଅତିଥିମାନେ ହେଲେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଆଇଜି ଫରେଷ୍ଟ(ଇଏପି) ଶ୍ରୀ ଆର.କେ. ଗୋଏଲ, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ତଥା କମିଶନର ଶ୍ରୀ ୟୁ.ଏନ. ବେହେରା, ଆଇଏଏସ, ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ବି.କେ. ପଟ୍ଟନାୟକ, ଆଇଏଫଏସ, ଓଏଫଏସଡିପିର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଅରୁଣ କୁମାର ବଂସଲ । ଜାଇକାର ଅନ୍ୟ ପ୍ରତିନିଧିମାନେ ହେଲେ ଶ୍ରୀ ବିନୀତ ସରିନ ଲିଡ୍ ଡେଭେଲପମେଣ୍ଟ ସ୍ପେସାଲିଷ୍ଟ ଜାଇକା ଭାରତ, ମିସ୍ ନାମି ସିନୋହରା, କାର୍ଯ୍ୟକ୍ରମ ଅଧିକାରୀ, ଜାଇକା ଭାରତ ଏବଂ ମିସ୍ କାକୁତା, ଜାଇକା ଜାପାନ । ନଅଟି ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପ ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, ହରିୟାନା, ତ୍ରିପୁରା, ଗୁଜରାଟ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ବନ ଅଧିକାରୀଙ୍କ ସହ ୧୭ ଜଣ ପ୍ରତିନିଧି ଯୋଗଦେଇଥିଲେ । ବନ ସଂରକ୍ଷକ, ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ପ୍ରକଳ୍ପ ପରିଚାଳନା କେନ୍ଦ୍ରର ଅଧିକାରୀଗଣ ଏବଂ ଓଏଫଏସଡିପିର ସାଧାରଣ ପରାମର୍ଶଦାତା ଅଧିକାରୀମାନେ ଯୋଗ ଦେଇଥିଲେ ।

ଉଦ୍‌ଘାଟନୀ ସମାରୋହର 'ଚିତ୍ରରେ ଓଏଫଏସଡିପି' ଏବଂ ପ୍ରକଳ୍ପ ସୂଚନାପତ୍ରର ସଦ୍ୟତମ ସଂସ୍କରଣ ଉନ୍ମୋଚିତ ହୋଇ ବଣ୍ଟାଯାଇଥିଲା । ଦେଶରେ ଚାଲୁଥିବା ବିଭିନ୍ନ ବନାଞ୍ଚଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକଳାପକୁ ମହତ୍ତ୍ୱ ଦେଇ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଓଏଫଏସଡିପିର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଜେ.ପି. ସିଂହ କର୍ମଶାଳାକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ ।

ଉଦ୍‌ଘାଟନ ପରେ ଅନୁଷ୍ଠିତ ବୈଷୟିକ ଅଧିବେଶନକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଆଇଜି ଫରେଷ୍ଟ(ଇଏପି) ଶ୍ରୀ ଆର.କେ. ଗୋଏଲ ଓ ଶ୍ରୀ ବି.ପି. ସିଂ ସିସିଏଫ(ଆଫରେଷ୍ଟେସନ ଓ ସୋସିଆଲ ଫରେଷ୍ଟ୍ରି) ମିଳିତଭାବେ ପରିଚାଳନା କରିଥିଲେ । ଏଥିରେ ଦୁଇଟି ଉପସ୍ଥାପନ କରାଯାଇଥିଲା । ପ୍ରଥମେ ବିନୀତ ସରିନ୍‌ଙ୍କ ଦ୍ୱାରା ଦେଶରେ ଜାଇକା ସହାୟତାରେ ଚାଲୁଥିବା ବନାଞ୍ଚଳ ପ୍ରକଳ୍ପର ଗୁରୁତ୍ୱ ଉପରେ ଏବଂ ପରେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦେବୀଦତ୍ତ ବିଶ୍ୱାଳଙ୍କ









ଜାଇକା ପ୍ରତିନିଧି




ଅନ୍ୟ ରାଜ୍ୟର ପ୍ରତିନିଧି


ଓଏଫଏସଡିପି ବନଖଣ୍ଡ ଅଧିକାରୀ









# ଶିକ୍ଷଣ କର୍ମଶାଳା

ଦ୍ୱାରା ଓଏଫଏସଡିପିର ନୂତନ ଧାରା ସଫଳତା ବର୍ଣ୍ଣନା କରି ଉପସ୍ଥାପନ କରାଯାଇଥିଲା ।

ଅପରାହ୍ନରେ ଦୁଇଟି ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା ଯେଉଁଥିରେ ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, ହରିୟାନା, ଉତ୍ତରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ସିକିମ୍ ନିଜ ନିଜର ଉପସ୍ଥାପନା କରିଥିଲେ । ଏହି ଦୁଇ




ଅଧିବେଶନରେ ଶ୍ରୀ ଏମ.ଜି ଗୋଗଟେ, ଅବସରପ୍ରାପ୍ତ ପିସିସିଏଫ, ମହାରାଷ୍ଟ୍ର ଏବଂ ଦଳପତି, ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଡଃ ସି.ଆର. ମହାପାତ୍ର, ଅବସରପ୍ରାପ୍ତ ପିସିସିଏଫ ଓଡ଼ିଶା, ଅଧ୍ୟକ୍ଷତା କରିଥିବାବେଳେ ବିନୋଦ କୁମାର ପରିଚାଳନା ନିର୍ଦ୍ଦେଶକ ଓଏଫଡିସି ଏବଂ ଶ୍ରୀ ଭଗବାନ ସିଂ, ଅତିରିକ୍ତ ପିସିସିଏଫ ତାମିଲନାଡୁ ଯଥାକ୍ରମେ ଉପାଧ୍ୟକ୍ଷଭାବେ ସହାୟତା କରିଥିଲେ ।

ପ୍ରଥମ ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା ମନୋରଞ୍ଜନପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମରେ । କୋରାପୁଟର ଏକ ବନ ସଂରକ୍ଷଣ ସମିତିର ପ୍ରତିନିଧିମାନେ ପରିବେଷଣ କରିଥିଲେ ଆଦିବାସୀ ନୃତ୍ୟ ଏବଂ ପରେ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

ଦ୍ୱିତୀୟ ଦିବସରେ ଗୁଜୁରାଟ, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ତ୍ରିପୁରାର ପ୍ରତିନିଧିମାନେ ଉପସ୍ଥାପନ କରିଥିବାବେଳେ ଶ୍ରୀ ତନେଜା, ଅତିରିକ୍ତ ପିସିସିଏଫ, ହରିୟାନା ଏବଂ ଶ୍ରୀ ଇକ୍‌ବାଲ ସିଂ, ସିସିଏଫ, ୟୁପି ଅଧିବେଶନରେ ଯଥାକ୍ରମେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଭାବେ ଦାୟିତ୍ୱ ତୁଲାଇଥିଲେ ।

ତାହା ପରେ ପ୍ରତିନିଧିମାନଙ୍କୁ ତିନିଟି ଗୋଷ୍ଠୀରେ ବିଭକ୍ତ କରାଯାଇ ତିନୋଟି ପ୍ରସଙ୍ଗ ଯଥାକ୍ରମେ ଜୀବନଧାରଣ ମାନ, ଏକାଭିମୁଖୀକରଣ ଓ ପ୍ରତିପାଳନ ଉପରେ ଆଲୋଚନା କରାଯାଇଥିଲା । ତିନିଟିଯାକ ଗୋଷ୍ଠୀର ପ୍ରସ୍ତାବକୁ ଅଧିକ ଆଲୋଚନା ଦ୍ୱାରା ଶାଣିତ କରାଯାଇ କର୍ମଶାଳାର ପ୍ରସ୍ତାବ ଲିପିବଦ୍ଧ କରାଯାଇଥିଲା । ଏହି ଆଲୋଚନାରେ ଗୋଷ୍ଠୀର ଅଧ୍ୟକ୍ଷ ଯଥାକ୍ରମେ ବିନୀତ ସରିନ, ଜାଇକା, ଦିଲ୍ଲୀ, ଆର.କେ. ଗୋଏଲ, ଆଜିଏଫ, ଏମଓଇଏଫ, ଭାରତ ସରକାର ଓ ଏମ.ଜି ଗୋଗଟେ, ଦଳପତି ଜିସି, ଓଏଫଏସଡିପି ଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲଙ୍କ ଉପସ୍ଥିତିରେ ଅପରାହ୍ନ ଅଧିବେଶନରେ ପ୍ରସ୍ତାବ ଶାଣିତ କରିବାକୁ ଆଲୋଚନା ହୋଇଥିଲା ।

ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ଓ ଉପହାର ପ୍ରଦାନ ସହ ଧନ୍ୟବାଦ ପ୍ରସ୍ତାବ ପରେ କର୍ମଶାଳା ଉଦ୍‌ଯାପିତ ହୋଇଥିଲା । ଉଦ୍‌ଯାପନ ସମାରୋହରେ ଜାଇକା ପ୍ରତିନିଧିମାନେ ପ୍ରକଳ୍ପ ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟକୁ ପ୍ରଶଂସା କରିବା ସହ ଅଭିଜ୍ଞତା ବାଣ୍ଟିବା ପାଇଁ ଏପରି କର୍ମଶାଳା ବର୍ଷକୁ ଅତି କମ୍‌ରେ ଥରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେବା ଆବଶ୍ୟକ ବୋଲି ଆଶା କରିଥିଲେ ।

## ଜୀବିକା ନିର୍ବାହ ପାଇଁ ଶିକ୍ଷା -

# ଦେବଗଡ଼ ପଲ୍ଲିଶ୍ରୀ ମେଳାକୁ ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷେତ୍ର ପରଦର୍ଶନ

ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ବନ ସଂରକ୍ଷଣ ସମିତି ଅଞ୍ଚଳରେ ଜୀବନଧାରଣ ମାନର ବିକାଶ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ରୋଜଗାରକ୍ଷମ କାର୍ଯ୍ୟକଳାପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ପ୍ରକଳ୍ପ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ନିମନ୍ତେ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକଳାପ ଉପରେ ବିଭିନ୍ନ ତାଲିମ ଓ କ୍ଷେତ୍ର ପରିଦର୍ଶନ ଦ୍ୱାରା ସଠିକ୍‌ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି କରାଯାଉଛି ।



ଦେବଗଡ଼ ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ବିଭିନ୍ନ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ୩୫ଜଣ ସଦସ୍ୟଙ୍କ ପାଇଁ ଏପରି ଏକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ୨୦୦୯ ଫେବୃୟାରୀ ୧୩ରୁ ୧୫ ଯାଏଁ ପ୍ରଧାନପାଟରେ ଡିଆରଡିଏ ଏବଂ ଡିଡବ୍ଲୁଏମଏସ ପକ୍ଷରୁ ମିଳିତଭାବେ ଆୟୋଜିତ ପଲ୍ଲିଶ୍ରୀ ମେଳାକୁ ଏହି ସଦସ୍ୟମାନଙ୍କୁ ପରିଦର୍ଶନରେ ଅଣାଯାଇଥିଲା । ଏହି ପଲ୍ଲିଶ୍ରୀ ମେଳା ଗ୍ରାମାଞ୍ଚଳର ପ୍ରସ୍ତୁତ ହୋଉଥିବା ବିଭିନ୍ନ ସାମଗ୍ରୀ ପାଇଁ ଏକ ବଜାର ତଥା ପ୍ରଚାରର ସୁଯୋଗ ସୃଷ୍ଟି କରେ ।

ଏହି ପରିଦର୍ଶନବେଳେ ୧୨ରୁ ୧୪ ଏସଏଚଜି ସଦସ୍ୟ ବିଶିଷ୍ଟ ୩ଟି ଦଳ ସହଯୋଗୀ ସ୍ୱେଚ୍ଛାସେବୀ ସଙ୍ଗଠନ ଦଳପତିଙ୍କ ସହ ଯାଇ ମେଳାରର ଏସଏଚଜି ଷ୍ଟଲରେ ଥିବା ଲୋକଙ୍କ ସଙ୍ଗରେ ଆଲୋଚନା କରିଥିଲେ । ପ୍ରକଳ୍ପ ଅଧୀନରେ ଥିବା ଏସଏଚଜିଗୁଡ଼ିକ ସଂଗ୍ରହ ବ୍ୟବସ୍ଥା, ଉତ୍ପାଦନ କୌଶଳ, ଋଣ ବ୍ୟବସ୍ଥା ଓ ମହମବତୀ, ଅଗରବତୀ ତଥା ଖାଦ୍ୟ ସାମଗ୍ରୀ ପରି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ବଜାରୀକରଣ ବ୍ୟବସ୍ଥା ଉପରେ ଜ୍ଞାନ ଆହରଣ କରିଥିଲେ ।

କ୍ଷେତ୍ର ପରିଦର୍ଶନ ଶେଷରେ ଅଂଶଗ୍ରହଣକାରୀମାନେ ଏପରି ଜ୍ଞାନ କୌଶଳ ଆହରଣ କରି ଖୁସି ଓ ଆତ୍ମବିଶ୍ୱାସୀ ହୋଇଥିଲେ । ଏପରି ଏକ ଫଳପ୍ରଦ କ୍ଷେତ୍ର ପରିଦର୍ଶନ ଦ୍ୱାରା ଲାଭବାନ ହୋଇଥିବାରୁ ସେମାନେ କୃତଜ୍ଞତା ଜ୍ଞାପନ କରିଥିଲେ । ଏହାପରେ ବିଭିନ୍ନ ପ୍ରକାର କୌଶଳ ଉପରେ ତାଲିମ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି, ଯାହାକି କାର୍ଯ୍ୟକାରୀ କରାଯାଉଛି ।

## ମା ଧରୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ-ପୋଖନାଗଡ଼ା ଭିଏସଏସ

### ... ଆତ୍ମନିର୍ଭରଶୀଳତା ପାଇଁ ଉଦ୍ୟମ



ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ପୋଖନାଗୁଡ଼ା ଗ୍ରାମର ମହିଳାମାନେ ମୁଖ୍ୟତଃ ଦିନ ମଜୁରିଆଭାବେ ରୋଜଗାର ଉପରେ ନିର୍ଭର କରନ୍ତି । ସେମାନେ ଅର୍ଥ ପାଇଁ ସ୍ଥାନୀୟ ସାହୁକାରଙ୍କ ଉପରେ ନିର୍ଭର କରନ୍ତି ଓ ସେଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଓଏଫଏସଡିପିରେ ଗ୍ରାମକୁ ସାମିଲ କରାଯିବା ପରେ ପୋଖନାଗୁଡ଼ା ଭିଏସଏସ ଗଠନ କରାଗଲା ଓ ଗ୍ରାମବାସୀ ଭିଏସଏସ ବୈଠକରେ ଯୋଗଦେବାରେ ଲାଗିଲେ । ଜଙ୍ଗଲ ସୁରକ୍ଷାର ମହତ୍ତ୍ୱ ସେମାନେ ବୁଝିଲେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାରର ସାମର୍ଥ୍ୟ ତଥା ପ୍ରକଳ୍ପ ପକ୍ଷରୁ କି ପ୍ରକାର ସହାୟତା ମିଳିପାରିବ ତାହା ବୁଝିପାରିଲେ । ସ୍ୱେଚ୍ଛାସେବୀ ସଙ୍ଗଠନ (ଆର୍ଯ୍ୟାନ୍) ଦ୍ୱାରା ପ୍ରୋତ୍ସାହନ ମିଳିବା ପରେ ୧୩ ଜଣ ମହିଳା ଆଗେଇ ଆସି ୨୦୦୮ ଅଗଷ୍ଟ ୬ ତାରିଖରେ ମା ଧାରୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ । ସେମାନେ ଜଣକା ମାସକୁ ୧୦୦ ଟଙ୍କା ଲେଖାଏଁ ସଞ୍ଚୟ କରିବା ଆରମ୍ଭ କଲେ ଓ ସେମାନଙ୍କର ସଞ୍ଚୟ ୮୩୨୭ ଟଙ୍କାରେ ପହଞ୍ଚିଲା, ଯାହାକି ସେମାନଙ୍କ ପାଇଁ ଏଟିଏମ(ସବୁ ସଞ୍ଚୟର ଟଙ୍କା) ପରି କାମ ଦେଲା ।

ଡିସେମ୍ବର ୨୦୦୮ ରେ ସେମାନେ ଓଏଫଏସଡିପି ଅଧୀନରେ ପୋଖନାଗୁଡ଼ା ଭିଏସଏସରୁ ପରିବା ଚାଷ ପାଇଁ ୨୫,୦୦୦ ଟଙ୍କାର ଏକ ଋଣ ପାଇଲେ । ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନଙ୍କର ବୈଠକ ଆୟୋଜନ କରାଗଲା । ଋଣ ସହାୟତାରେ ଓ ପ୍ରକଳ୍ପ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେମାନେ ମିଳିତଭାବେ ବାଇଗଣ ଓ ଟମାଟୋ ଚାଷ କରିବା ଆରମ୍ଭ କଲେ । ବାଇଗଣ ଓ ଟମାଟୋକୁ ସେମାନେ ନବରଙ୍ଗପୁର ବଜାରରେ ବିକ୍ରି କଲେ । ଏହି କାମରେ ସେମାନେ ୨୫,୦୦୦ ଟଙ୍କା ଲାଗାଇଥିଲେ । ମାତ୍ର ତିନି ମାସ ମଧ୍ୟରେ ଭିଏସଏସକୁ ଋଣ ସୁଧ ସହହ ପଇଠ କରିବା ପରେ ସେମାନେ ପାଖାପାଖି ୧୦୦% ଲାଭ ପାଇଲେ । ଯାହାକି ଜମା ଖାତାରେ ଜମା ହୋଇଛି ।

ବର୍ତ୍ତମାନ ସେମାନେ କାଜୁ ଓ ତେନ୍ତୁଳି ବ୍ୟବସାୟ କରିବାକୁ ଯୋଜନା କରୁଛନ୍ତି । ବନ ସଂରକ୍ଷଣ ସମିତି ଉକ୍ତ ସୁଧ ଟଙ୍କାକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଚଲାଙ୍ଗୁଡ଼ା ଶାଖାସ୍ଥିତ ଭିଏଫଡିଏଫ ଜମାଖାତାରେ ଜମା କରିଛି ।

ଏହି ବ୍ୟବସାୟ ପରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିପାଇଛି ଓ ସେମାନେ ଗ୍ରାମର ସର୍ବାଙ୍ଗୀନ ବିକାଶ, ଜଙ୍ଗଲ ପରିଚାଳନା, ମଦ ବିରୋଧୀ ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା ଓ ଶିଶୁଙ୍କ ଶିକ୍ଷା ଉପରେ କାମ କରୁଛନ୍ତି ।

**ଅନୀଲ ପଟ୍ଟନାୟକ,** ଦଳପତି
ଆର୍ଯ୍ୟାନ୍, ବୋରିଗୁମ୍ମା ବ୍ଲକ୍

## ଜୟପୁର ବନଖଣ୍ଡ, କୁନ୍ଦ୍ରା କ୍ଷେତ୍ର ପରିଚାଳନା କେନ୍ଦ୍ରର ଯବପଦର ଭିଏସଏସ ଦ୍ୱାରା ସଫଳ ସୁରକ୍ଷା ବ୍ୟବସ୍ଥା



କୁନ୍ଦ୍ରା ବ୍ଲକ୍‌ରେ ଯବପଦର ଏକ ରାଜସ୍ୱ ଗ୍ରାମ ଯାହାକି କୁନ୍ଦ୍ରା କ୍ଷେତ୍ର ପରିଚାଳନା କେନ୍ଦ୍ରଠାରୁ ୧୭ କି.ମି. ଦୂରରେ ରହିଛି । ଗ୍ରାମର ୧୩୯ ଘର ମଧ୍ୟରୁ ୧୩୨ଟି ଘର ଆଦିବାସୀଙ୍କର ଓ ୭ଟି ଘର ସାଧାରଣ ଲୋକଙ୍କର । ଗ୍ରାମର ଜନସଂଖ୍ୟା ୫୯୦ । ସମସ୍ତ ଗ୍ରାମବାସୀ ଦିନ ମଜୁରିଆ ଓ ସେମାନେ ମୁଖ୍ୟତଃ ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭର କରନ୍ତି । ଗ୍ରାମରେ ବନ ସଂରକ୍ଷଣ ସମିତି ଗଠିତ ହେବା ପରେ ଜଙ୍ଗଲ ସୁରକ୍ଷାରେ ଗ୍ରାମବାସୀଙ୍କ ଭାଗିଦାରୀ ବୃଦ୍ଧିପାଇଲା ଓ ନିୟମିତ ଠେଙ୍ଗାପାଳି କରାଗଲା । ସେମାନେ ବନ ବିଭାଗ ସହ ମିଶି ରାତିରେ ମଧ୍ୟ ଜଙ୍ଗଲ ଜଗିବା ସହ କେତେକ ଚୋରି ମାମଲା ଧରିବାରେ ସହାୟତା କଲେ । ଗତ ଛଅ ମାସ ମଧ୍ୟରେ ସେମାନେ ଏପରି ଦୁଇଟି ଚୋରି ମାମଲା ଧରି ୧୫୦୦ ଟଙ୍କା ଜୋରିମାନା ଆଦାୟ କରି ତାହା ବନ ବିଭାଗ ପାଖରେ ଜମା ଦେଇଛନ୍ତି । ଏଥିରୁ ମୋଟ ଜବତ କାଠ ହେଉଛି ୧୫ ସିଫ୍ଟ, ଯାହାର ମୂଲ୍ୟ ୭୫୦୦ ଟଙ୍କା । ଏହି କାଠ ବନ ବିଭାଗ କର୍ପୋରେସନରେ ଜମା ଦେଇଛି ।

ଶ୍ରୀ ରଶ୍ମୀରଞ୍ଜନ ନାୟକ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ଶ୍ରୀ ରତିକାନ୍ତ ପାଢ଼ୀ, ଖଣ୍ଡୀୟ ପରିଚାଳନା କେନ୍ଦ୍ର ଉପମୁଖ୍ୟ, ଶ୍ରୀ ଗଣେଶ ପାଢ଼ୀ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ ଏହି ବନ ସଂରକ୍ଷଣ ସମିତି ପରିଦର୍ଶନ କରି ସମିତି ସଭ୍ୟଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି । ଏଥିଯୋଗୁଁ ଜଙ୍ଗଲ ଜଗିବା ପାଇଁ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କ ମଧ୍ୟରେ ଏକତା ବୃଦ୍ଧିପାଇଛି ।

## ସମୃଦ୍ଧି ରାସ୍ତାକୁ ସହଜସାଧ କରାଯାଇଛି



ଅନଗୁଳ ଖଣ୍ଡୀୟ ପରିଚାଳନା ୟୁନିଟର ତାଳଚେର ରେଞ୍ଜ ଅନ୍ତର୍ଗତ ବୁଲାଝର, ଢୋଲଗାଣ୍ଡିଆ, ବାଲିଝରଣା ଓ ତୁମୁଗଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଖରାପ ଅବସ୍ଥାରେ ଥିଲା । ରାସ୍ତାଟି ପଶ୍ଚିମରେ ଗହମରୁ ପୂର୍ବରେ ତୁମୁଗୁଳାକୁ ସଂଯୋଗ କରୁଛି । ଉତ୍ତରରେ ରାସ୍ତା ପାର୍ଶ୍ୱରେ ଚୁଆ ସଂରକ୍ଷିତ ଜଙ୍ଗଲ ଥିବାବେଳେ ଦକ୍ଷିଣରେ ବୁଲାଝର ସଂରକ୍ଷିତ ଜଙ୍ଗଲ ରହିଛି ।

ଉକ୍ତ ଗ୍ରାମଗୁଡ଼ିକର ଲୋକେ ମୁଖ୍ୟତଃ ଆଦିବାସୀ ଓ ଜୀବନଧାରଣ ପାଇଁ ସେମାନେ ସଂରକ୍ଷିତ ଜଙ୍ଗଲରୁ ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି । ଜଙ୍ଗଲରୁ ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ ତଥା ସେଗୁଡ଼ିକ ବଜାରରେ ବିକ୍ରି ପାଇଁ ସେମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି । କିନ୍ତୁ ବର୍ଷା ଋତୁରେ ଜଳ ନିଷ୍କାସନର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଘାଇ ହୋଇ ରାସ୍ତା ସଂଯୋଗ ବନ୍ଦ ହୋଇଯାଏ ।

୨୦୦୭-୦୮ରେ ଏହି ଗ୍ରାମଗୁଡ଼ିକ ଓଏଫଏସଡିପିରେ ସାମିଲ କରାଗଲା । ଉକ୍ତ ରାସ୍ତାର ଚାରିଟି ସ୍ଥାନରେ ଜଳ ନିଷ୍କାସନ ପାଇଁ ପୋଲ ନିର୍ମାଣ କରାଯାଇ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରାଗଲା । ଏବେ ସେମାନେ ବର୍ଷତମାମ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି । ସମସ୍ତ



ଗ୍ରାମର ବାସିନ୍ଦା ପ୍ରକଳ୍ପର ରାସ୍ତା ସଜାଡ଼ିବାଜନିତ ସହଯୋଗକୁ ପ୍ରଶଂସା କରିଛନ୍ତି । ଯାହାକି ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବା ସହ ଅପହଞ୍ଚ ଦୂରତ୍ୱକୁ ଅତିକ୍ରମ କରିବାରେ ସାହାଯ୍ୟ କରିବ ।

**ଶୁଧାଂଶୁ ଶେଖର ମିଶ୍ର**
ଖଣ୍ଡୀୟ ପରିଚାଳନା ୟୁନିଟ୍ ମୁଖ୍ୟ, ଅନଗୁଳ

## ମାଛ ଚାଷର ସମ୍ଭାବନା

### ...ମାଛ ଚାଷ ଦ୍ୱାରା ସଫଳତା



ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ବହୁ ଗ୍ରାମରେ ମାଛ ଚାଷ କରାଯାଉଛି ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏଥିରୁ ଭଲ ଲାଭ ପାଉଛନ୍ତି । ପାଲଲହଡ଼ା କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଜାମରା ଗ୍ରାମର ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ ଶିବାନୀ ଓ ହରଗୌରୀ ୧୨,୫୦୦ ଟଙ୍କା ଲେଖାଏଁ ଋଣ ନେଇ ଦୀର୍ଘଦିନରୁ ଥିବା ନିକଟବର୍ତ୍ତୀ ଦୁଇ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ କଟାରେ ମାଛ ଚାଷ ଆରମ୍ଭ କରିଥିଲେ । ସେଥିରେ ସେମାନେ ରୋହି, ଭାକୁର, ମୀରକାଳି ଓ ଚିନା ରୋହିର ୪୪,୦୦୦ ଜାଆଁଳ ଛାଡ଼ିଥିଲେ । ସେଥିରୁ ସେମାନେ ରିପୋର୍ଟ ପ୍ରସ୍ତୁତି ପର୍ଯ୍ୟନ୍ତ ୨.୧୭ କୁଇଣ୍ଟାଲ ମାଛ ଧରି ୧୫,୦୦୦ ଟଙ୍କାରେ ବିକ୍ରି କରି ସାରିଥିବାବେଳେ ଆହୁରି ୧୫ କୁଇଣ୍ଟାଲ ମାଛ ଧରି ପ୍ରାୟ ୫୦,୦୦୦ ଟଙ୍କା ଲାଭ ପାଇବାର ଲକ୍ଷ୍ୟ ରଖିଛନ୍ତି ।

ସମାନ ଧରଣର କାର୍ଯ୍ୟ ବନଖଣ୍ଡ ଅନ୍ତର୍ଗତ ଅନ୍ୟ ବହୁ ଗ୍ରାମରେ ବନ ସଂରକ୍ଷଣ ସମିତି ଦ୍ୱାରା କରାଯାଉଛି । ସେମାନେ ମଧ୍ୟ ଭଲ ଲାଭ ପାଉଛନ୍ତି ।

ବନଖଣ୍ଡ ଅଧିକାରୀ, ଦେବଗଡ଼ ବନଖଣ୍ଡ

## ବଡ଼ି ତିଆରି

### ...ଏକ ସାମ୍ଭାବନାମୟ ଆୟକାରୀ ପନ୍ଥା





ସ୍ୱାତୀ ମହିଳା ମଣ୍ଡଳ, ଶାନ୍ତା ବଡ଼ିଗାଁ ବନ ସଂରକ୍ଷଣ ସମିତି ଅନ୍ତର୍ଗତ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୧୫ ଜଣ ସଦସ୍ୟଙ୍କୁ ନେଇ ୨୦୦୧ ମସିହାରେ ଗଠିତ ହୋଇଥିଲା । କେବଳ ଅର୍ଥ ସଞ୍ଚୟକୁ ଛାଡ଼ିଦେଲେ ଗୋଷ୍ଠୀ ନିଜ ଭିତରେ ଋଣ ଲଗାଣ, ଅଣୁ ଉଦ୍ୟୋଗ ଓ ଆୟକାରୀ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ ନଥିଲା ।

ରୋଜଗାରକ୍ଷମ କାର୍ଯ୍ୟକଳାପ ସମ୍ପର୍କରେ ଅଙ୍କୁରନ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ଗୋଷ୍ଠୀକୁ ସଚେତନ କରାଇଲା । ପରିବା ଚାଷ, ଧାନ ବ୍ୟବସାୟ, ଛୋଟ ବ୍ୟବସାୟ, ଛତୁ ଚାଷ, ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟ (କଇଁଆ/ମହୁଲ) ବ୍ୟବସାୟ, ବଡ଼ି ପାମ୍ପଡ଼ ପ୍ରସ୍ତୁତି ଓ ମସଲା ପ୍ରସ୍ତୁତି ପରି କେତେକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ମନୋନୀତ କରାଗଲା । ତେବେ ଗୋଷ୍ଠୀ ବଡ଼ି ତିଆରି ପାଇଁ ଇଚ୍ଛା ପ୍ରକାଶ କଲା । ସେତେବେଳକୁ ଗୋଷ୍ଠୀ ପାଖରେ ୨୫,୦୦୦ ଟଙ୍କା ଥିଲା । କିନ୍ତୁ ସଚେତନତାା ଅଭାବରୁ ଗୋଷ୍ଠୀ କେବଳ ଋଣ ଦେଣନେଣ କରୁଥିଲା ।

ସ୍ୱାତୀ ମହିଳା ମଣ୍ଡଳ ବଡ଼ି ତିଆରି ଆରମ୍ଭ କରିବାକୁ ଏକ ଋଣ ମାଗିଲା । ପ୍ରକଳ୍ପ ପକ୍ଷରୁ ୩,୬୦୦ ଟଙ୍କା ମୂଲ୍ୟର ଏକ ମିକ୍ସର ଗ୍ରାଇଣ୍ଡର ଯୋଗାଇ ଦିଆଗଲା । ନିଜ ସଞ୍ଚୟ ଅର୍ଥରୁ ଗୋଷ୍ଠୀ ୨୫ ଟଙ୍କା ପ୍ରତି କେ.ଜି. ଦରରେ ୪୦ କେ.ଜି. ବିରି କିଣିଲା ଓ ତୁରନ୍ତ ବନ ସଂରକ୍ଷଣ ସମିତିକୁ ଋଣ ଅର୍ଥ ଫେରାଇ ଦେବାକୁ ନିଷ୍ପତ୍ତି ନେଲା । ରାୟଗଡ଼ା ମହୋତ୍ସବରେ ଗୋଷ୍ଠୀ ୧୦୦ ଗ୍ରାମର ୫୦୦ ପ୍ୟାକେଟ ବଡ଼ି ୧୦ ଟଙ୍କା ପ୍ରତି ପ୍ୟାକେଟ ଦରରେ ବିକ୍ରି କଲା । ସେମାନେ ଏହି ଗ୍ରାଇଣ୍ଡରକୁ ମସଲା ଓ ବିରି ପେଶା ପାଇଁ କେ.ଜି. ପ୍ରତି ୫ ଟଙ୍କା ଦରରେ ଭଡ଼ାରେ ଦେଉଛନ୍ତି । ଏବାବଦରୁ ମିଳୁଥିବା ଅର୍ଥ ଗ୍ରାଇଣ୍ଡର ରକ୍ଷଣାବେକ୍ଷଣ ନିମନ୍ତେ ଖର୍ଚ୍ଚ ହେବ । ଯଦିଓ ଏହି କାର୍ଯ୍ୟକଳାପରୁ ଲାଭ ସେପରି ବଡ଼ଧରଣର ହୋଇନାହିଁ, କିନ୍ତୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କର ଆତ୍ମବିଶ୍ୱାସ ବହୁଗୁଣରେ ବୃଦ୍ଧି ପାଇଛି ଓ ଯେଉଁମାନେ ଅବସର ସମୟକୁ ଲାଭଦାୟକ କାମରେ ବିତାଉଛନ୍ତି ।



**ଅଶୋକ ପଣ୍ଡା,** ଏଫଏଲଇ, ରାୟଗଡ଼ା

**ସ୍ୱୟଂ ସହାୟକ ଗୋଷ୍ଠୀ...**
**ଜୀବିକା ନିର୍ବାହ ମାନର ଅକ୍ଷବିନ୍ଦୁ**

....୧ମ ପୃଷ୍ଠାର ଅବଶିଷ୍ଟାଂଶ

- ଏହି ଗୋଷ୍ଠୀଗୁଡ଼ିକୁ ଶକ୍ତିଶାଳୀ କରି ଫଳପ୍ରଦ ଆୟକାରୀ ପନ୍ଥା କାର୍ଯ୍ୟକାରୀ କରିବା ।
- ସମ୍ପୂର୍ଣ୍ଣ ଅର୍ଥନୀତିର ବିକାଶ କରିବା ଏବଂ ସମ୍ପ୍ରଦାୟ ତଥା ଗୋଷ୍ଠୀ ସଭ୍ୟମାନଙ୍କୁ ପ୍ରତିପାଳନକ୍ଷମ ଆୟ ପ୍ରଦାନ କରିବା ।
- କ୍ରମାଗତ ବିଶ୍ୱାସ ସୃଷ୍ଟି କରାଯିବା ସହ ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନାରେ ଭାଗିଦାରୀ ସୃଷ୍ଟି କରିବା ।

ଓଏଫଏସଡିପି କଳ୍ପନା କରିଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନେ ଦୁର୍ବଳ ଲୋକଙ୍କ ଚିନ୍ତା ଓ ଦାବି ଉପସ୍ଥାପନ କରି ଯୁଗ୍ମ ବନ ପରିଚାଳନାରେ ସକ୍ରିୟଭାବେ ଅଂଶଗ୍ରହଣ ପୂର୍ବକ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବେ । ସେମାନେ ବନ ସଂରକ୍ଷଣ ସମିତି ବୈଠକରେ ନିୟମିତଭାବେ ଭାଗ ନେବେ ଏବଂ ଜଙ୍ଗଲ ପରିଚାଳନା/ସଂରକ୍ଷଣ କାର୍ଯ୍ୟକଳାପ ସମେତ ଗୋଷ୍ଠୀ ବିକାଶ କାର୍ଯ୍ୟକଳାପରେ ଭାଗ ନେବେ । ପ୍ରକଳ୍ପ ଲକ୍ଷ୍ୟ ରଖିଛି ୪୫୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସୃଷ୍ଟି କରିବ ଓ ସେମାନଙ୍କୁ ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠି, ତାଲିମ, କ୍ଷେତ୍ର ପରିଦର୍ଶନ ଏବଂ ବ୍ୟାଙ୍କ ସହ ସମ୍ପର୍କ କରାଇ, ସରକାରୀ ସମ୍ପତ୍ତି, ବଜାର ସଂଯୋଗୀକରଣ ସହାୟତାରେ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକଳାପ ସହ ସଂଲଗ୍ନ କରିବ, ଯାହାଦ୍ୱାରା ସେମାନଙ୍କ ମୂଳଦୁଆ ସୁଦୃଢ଼ ହୋଇପାରିବ ।

ପ୍ରକଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ପଥ ପ୍ରଦର୍ଶକ ଭିତ୍ତିରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଆରମ୍ଭ କରିଛି । ଗୋଟିଏ ବର୍ଷ ମଧ୍ୟରେ ୩୪୧ ଟି ସ୍ୱୟଂ ସହାୟକ ଗୋଷ୍ଠୀ ବନ ସଂରକ୍ଷଣ ସମିତି ସହାୟତାରେ ବିଭିନ୍ନ ଆୟକାରୀ ପନ୍ଥା ସହ ଯୋଡ଼ି ହୋଇ ଯାଇଛନ୍ତି । ଉପର ବର୍ଣ୍ଣିତ ଚାର୍ଟରେ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପରିବା ଚାଷ, କୃଷିଜାତ ଦ୍ରବ୍ୟର ବ୍ୟବସାୟ, ଅଣକାଷ୍ଠ ବନ ଦ୍ରବ୍ୟ, ଆୟକାରୀ ଫସଲ ଉତ୍ପାଦନ ଆଦିରେ ଗଭୀର ଜ୍ଞାନ ହାସଲ କରିଛନ୍ତି । ସେମାନେ ଅନ୍ୟ ବ୍ୟବସାୟ ଆଡ଼କୁ ମଧ୍ୟ ଆଗଉଛନ୍ତି । ରୋଜଗାରକ୍ଷମ କାର୍ଯ୍ୟକଳାପକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ ଓ କ୍ଷେତ୍ର ପରିଦର୍ଶନ କରାଇବାକୁ ପ୍ରକଳ୍ପ ଯୋଜନା କରିଛି ।

ପ୍ରକଳ୍ପ ଲକ୍ଷ୍ୟ ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀର ଭାଗିଦାରୀ ଓ ବିକାଶ ତଥା ଦୈନନ୍ଦିନ କାର୍ଯ୍ୟ ତଦାରଖ କରିବାକୁ ସହଯୋଗୀ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଦାୟିତ୍ୱ ପ୍ରଦାନ କରାଯାଇଛି, ଏଥିରେ ସେମାନଙ୍କୁ କ୍ଷେତ୍ର ପରିଚାଳନା କେନ୍ଦ୍ରର ଅଧିକାରୀମାନେ ସହାୟତା ଦେବେ ।







ପ୍ରକଳ୍ପ ପ୍ରଥମ ଦଫା ବନ ସଂରକ୍ଷଣ ସମିତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତା ଆକଳନ କରିଛି ଏବଂ ଦକ୍ଷତା ବୃଦ୍ଧି ପାଇଁ ଏକ କାର୍ଯ୍ୟକ୍ରମ ଯୋଜନା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ରୋଜଗାରକ୍ଷମ କାର୍ଯ୍ୟକଳାପର ଏକ ଢାଞ୍ଚା ପ୍ରସ୍ତୁତ କରିଛି । ଏକ ସ୍ୱତନ୍ତ୍ର ବଜାର ଗବେଷଣା ସଂସ୍ଥା ମାର୍ଟ ଅଣୁ ଉଦ୍ୟୋଗ ବିକାଶ ପାଇଁ ୧୪ଟି ଓଏଫଏସଡିପି ପ୍ରକଳ୍ପ ବନଖଣ୍ଡରେ 'ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ', ମୂଲ୍ୟ ଶୃଙ୍ଖଳ ବିଶ୍ଳେଷଣ ମାଧ୍ୟମରେ ଏହି ୧୪ଟି ବନଖଣ୍ଡର ୨୦ଟି ମୁଖ୍ୟ ଉତ୍ପାଦ ପାଇଁ ବ୍ୟବସାୟ ଯୋଜନା ପ୍ରସ୍ତୁତ କରୁଛି ।

## 'ଦର୍ଶନ' ଦ୍ୱାରା ବନ୍ଧଗୁଡ଼ା ମହିଳାଙ୍କ ସମୃଦ୍ଧି





ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅର୍ନ୍ତଗତ କୁନ୍ଦ୍ରା କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ବନ୍ଧଗୁଡ଼ା ବନ ସଂରକ୍ଷଣ ସମିତି ୨୦୦୭ରେ ଗଠିତ ହୋଇଥିଲା । ଗ୍ରାମର ଜନସଂଖ୍ୟା ୯୬ ଓ ଘରସଂଖ୍ୟା ୧୯ । ସମସ୍ତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ସେମାନେ ମଜୁରୀ ଲାଗନ୍ତି ଓ ବାଉଁଶ କାରିଗରୀ କରନ୍ତି । ଅଧିକାଂଶ ମହିଳା ବାଉଁଶ କାରିଗର । ପ୍ରୋତ୍ସାହନକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରାମ୍ୟ ବିକାଶ ସଙ୍ଗଠନ ପକ୍ଷରୁ ବାରମ୍ବାର ଗ୍ରାମ ପରିଦର୍ଶନ କରାଯିବା ପରେ ବନ୍ଧଗୁଡ଼ାର ମହିଳାମାନେ ଦର୍ଶନ ନାମରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ । ଅଣକାଷ୍ଠ ବନ ଦ୍ରବ୍ୟ ବ୍ୟବସାୟ ନିମନ୍ତେ ଓଏଫଏସଡିପି ଗୋଷ୍ଠୀକୁ ୩୦୦୦ ଟଙ୍କା ସହାୟତା ପ୍ରଦାନ କଲା । ଏହି ଟଙ୍କାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହୁଆ ବ୍ୟବସାୟ ଆରମ୍ଭ କଲେ ଓ ୭୬୨ ଟଙ୍କା ଲାଭ ପାଇଲେ । ଏକ ଛୋଟ ପୋଖରୀରେ ସେମାନେ ମାଛ ଚାଷ ଆରମ୍ଭ କଲେ । ଜୟପୁରସ୍ଥିତ ମତ୍ସ୍ୟ ବିଭାଗରୁ ସେମାନେ ଜାଆଁଳ କିଣିଥିଲେ । ମାଛ ଚାଷରୁ ସେମାନେ ୧୫୮୦ ଟଙ୍କା ଲାଭ ପାଇପାରିଛନ୍ତି । ସେମାନେ ବନ ସଂରକ୍ଷଣ ସମିତିରୁ ନେଇଥିବା ଋଣ ପରିଶୋଧ କରିବା ସହ ଏକ ବଡ଼ ଋଣ ପାଇଁ ଆବେଦନ କରିଛନ୍ତି । ସେମାନଙ୍କର ବିଶ୍ୱାସ, ଭବିଷ୍ୟତରେ ମାଛ ଚାଷ ପ୍ରତିପାଳନକ୍ଷମ ବିକଳ୍ପ ଜୀବିକା ନିର୍ବାହର ଅନ୍ୟତମ ପନ୍ଥା ହୋଇପାରିବ ।

**ଦିଲ୍ଲୀପ ରାଉତ,** ଡିଓ, କୋଟପାଡ଼ କ୍ଷେତ୍ର ପରିଚାଳନା କେନ୍ଦ୍ର

## ପ୍ରକାଶନ....



**Project Glance** - A pictorial report on developmental interventions.



**Annual Report-07-08** - on 2nd year's achievements



Livelihood specific posters

## Appointments/Transfers

- **Basudev Behera**, OFS-I joined as DPD (JFM)

OFSDP
Orissa Forestry Sector Development Project
Newsletter

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

ଉପ ପ୍ରକଳ୍ପ ନିର୍ଦ୍ଦେଶକ
E-mail : webmail@ofsdp.org,

**ପ୍ରକାଶକ** : **ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି,** ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬
ଫ୍ୟାକ୍ସ - ୦୬୭୪-୨୩୮୪୦୮୫
E-mail : webmail@ofsdp.org
http:\\www.ofsdp.org
ମୁଦ୍ରାକାର : **ଜ୍ୟୋତିଗ୍ରାଫିକ୍ସ**
ଫୋନ - ୦୬୭୪-୨୫୪୪୨୦୯
E-mail : jyotigraphics@gmail.com